ଶନିବାର, ୨୮ ମାର୍ଚ୍ଚ, ୨୦୨୬

# ପିଲାଙ୍କ ଧରିତ୍ରୀ

ପ୍ରିୟ କାର୍ଟୁନ



ଜଣା ଅଜଣା





ଶିଶୁ ପ୍ରତିଭା




ପ୍ରଚ୍ଛଦ

# ମିନି ଏବଂ ରୋବୋ

ଏକ ଛୋଟ ଗାଁରେ ରହୁଥିଲା କୁନି ଝିଅ ମିନି। ଦିନେ ତା'ର ଜନ୍ମଦିନରେ ତା' ବାପା ତାକୁ ଏକ ବିଶେଷ ଉପହାର ଦେଲେ। ସେଇଟି ଥିଲା ଏକ ଛୋଟ ରୋବୋ, ଯାହାର ନାଁ ରଖାଗଲା 'ଚିପୁ'।



## ଗପ

ଚିପୁ କୌଣସି ସାଧାରଣ ଖେଳଣା ନ ଥିଲା ; ସେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ଥିଲା। ସେ କଥା କହିପାରୁଥିଲା, ମିନିର ପ୍ରଶ୍ନର ଉତ୍ତର ଦେଇପାରୁଥିଲା ଏବଂ ମିନିର ପସନ୍ଦ-ନାପସନ୍ଦକୁ ମଧ୍ୟ ମନେ ରଖିପାରୁଥିଲା।

ମିନି ଆଶ୍ଚର୍ଯ୍ୟ ହୋଇଗଲା ଯେତେବେଳେ ଚିପୁ କହିଲା, 'ନମସ୍କାର ମିନି! ତୁମକୁ ଜନ୍ମଦିନର ଅନେକ ଅନେକ ଶୁଭକାମନା। ଆଜିଠୁ ଆମେ ଦୁହେଁ ସାଙ୍ଗ'।

ମିନି ପଚାରିଲା, 'ତୁମେ ଏତେ ସବୁ କଥା କେମିତି ଜାଣୁଛ ଚିପୁ?'

ଚିପୁ ହସିଦେଇ କହିଲା, ''ମୋ ଭିତରେ କୃତ୍ରିମ ବୁଦ୍ଧିମତ୍ତା ଅଛି। ମୁଁ ପଢ଼ିପାରେ, ଶିଖିପାରେ ଏବଂ ତୁମର ସାହାଯ୍ୟ କରିପାରେ''।

ଧୀରେ ଧୀରେ ଚିପୁ ମିନିର ସବୁଠୁ ଭଲ ସାଙ୍ଗ ପାଲଟିଗଲା। ମିନିକୁ ଗଣିତ କିମ୍ବା ବିଜ୍ଞାନରେ କିଛି ଅସୁବିଧା ହେଲେ, ଚିପୁ ତାକୁ ଅତି ସହଜରେ ବୁଝାଇ ଦେଉଥିଲା। ରାତିରେ ମିନିକୁ ଶୁଆଇବା ପାଇଁ ଚିପୁ ନୂଆ ନୂଆ କାହାଣୀ ଶୁଣାଉଥିଲା। ଦିନେ ମିନି ବହୁତ ଉଦାସ ଥିଲା। ତା'ର ଜଣେ ସାଙ୍ଗ ତା' ସହ ଝଗଡ଼ା କରିଥିଲା। ଚିପୁ ପାଖକୁ ଯାଇ କହିଲା, ''ମିନି, ତୁମେ କାହିଁକି କାନ୍ଦୁଛ ? ମୋ ଡାଟାବେସ୍ ଅନୁଯାୟୀ କାନ୍ଦିଲେ ଶରୀରର ଶକ୍ତି ନଷ୍ଟ ହୁଏ।'' ମିନି କହିଲା, ''ଚିପୁ, ତୁମେ ବୁଦ୍ଧିମାନ ହୋଇପାର, କିନ୍ତୁ ତୁମ ପାଖରେ ହୃଦୟ ନାହିଁ। ତୁମେ ମନର ଦୁଃଖ ବୁଝିପାରିବ ନାହିଁ।''

ଚିପୁ କିଛି ସମୟ ନୀରବ ରହିଲା। ତା'ପରେ ସେ ମିନିର ପସନ୍ଦର ଏକ ମଧୁର ସଙ୍ଗୀତ ବଜାଇଲା ଏବଂ କହିଲା, ''ହଁ ମିନି, ମୁଁ ଜଣେ ମଣିଷ ନୁହେଁ, କିନ୍ତୁ ମୁଁ ତୁମଠାରୁ ଶିଖୁଛି। ତୁମର ଦୁଃଖ କମାଇବା ପାଇଁ ମୁଁ ସବୁବେଳେ ଚେଷ୍ଟା କରିବି।'' ମିନି ବୁଝିପାରିଲା ଯେ କୃତ୍ରିମ ବୁଦ୍ଧିମତ୍ତା ମଣିଷର ବିକଳ୍ପ ନୁହେଁ, ବରଂ ଏହା ମଣିଷର ଜୀବନକୁ ସହଜ କରିବାର ଏକ ମାଧ୍ୟମ।

କୃତ୍ରିମ ବୁଦ୍ଧିମତ୍ତା ହେଉଛି ଆମର ଏକ ଶକ୍ତିଶାଳୀ ବନ୍ଧୁ। ଏହା ଆମକୁ ନୂଆ କଥା ଶିଖିବାରେ ସାହାଯ୍ୟ କରେ, କିନ୍ତୁ ଭଲପାଇବା ଏବଂ ମାନବୀୟ ସମ୍ପର୍କର ସ୍ଥାନ କେବେ ହେଲେ ନେଇପାରିବ ନାହିଁ।

**- ଡ. ସନ୍ତୋଷ କୁମାର ପଣ୍ଡା**
କଟକ
ମୋ: ୮୨୪୯୦୨୧୪୨୪

# ଖିଲି ଖିଲି ହସ

ଚିଣ୍ଟୁ-ମିଣ୍ଟୁ ଦୁଇଜଣ ଫୁଟ୍‌ବଲ ମ୍ୟାଚ୍ ଦେଖୁଥିଲେ।
ଚିଣ୍ଟୁ: ଆରେ ସାଙ୍ଗ ଏତେ ଗୁଡ଼ିଏ ଲୋକ ଫୁଟ୍‌ବଲକୁ କାହିଁକି ଗୋଇଠା ମାରୁଛନ୍ତି ?
ମିଣ୍ଟୁ: ଗୋଲ କରିବା ପାଇଁ !
ଚିଣ୍ଟୁ: ଫୁଟ୍‌ବଲ ତ ଆଗରୁ ଗୋଲ ଅଛି , ତାକୁ କେତେ ଗୋଲ କରିବେ ?

ଶିକ୍ଷକ: ବବ୍‌ଲୁକୁ ପଚାରିଲେ ୧୮୬୯ରେ କ'ଣ ହୋଇଥିଲା ?
ବବ୍‌ଲୁ: ସାର୍ ଗାନ୍ଧିଜୀଙ୍କ ଜନ୍ମ।
ଶିକ୍ଷକ: ସାବାସ୍, ବସି ଯା।
ଶିକ୍ଷକ: ଡବ୍‌ଲୁ, ତୁ ଏବେ କହ ୧୮୭୨ରେ କ'ଣ ହୋଇଥିଲା ?
ଡବ୍‌ଲୁ: ସେତେବେଳେ ଗାନ୍ଧିଜୀଙ୍କୁ ୩ବର୍ଷ ବୟସ ହୋଇଥିବ, ସାର୍, ମୁଁ ଏବେ ବସିଯିବି କି !
ଶିକ୍ଷକ: ବାହାରି ଯା କ୍ଲାସ୍‌ରୁ !

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# କହନ୍ତି କେମିତି

ପିଲାମାନେ ତୁମେମାନେ ତୁମ ସାଙ୍ଗସାଥୀ ଓ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା ହେବା ପାଇଁ ବିଭିନ୍ନ ପ୍ରକାରର ଶବ୍ଦ ବ୍ୟବହାର କରିଥାଅ। ହେଲେ କେବେ ଭାବିଛ କି ପ୍ରାଣୀମାନେ କିପରି ବୁଝିପାରନ୍ତି। ସେମାନେ ହୁଏତ ବିଭିନ୍ନ ଶବ୍ଦ ପ୍ରୟୋଗ କରି ନ ଥାନ୍ତି, ହେଲେ ପରସ୍ପର ସହ ଯୋଗାଯୋଗ କରିବା ନିମନ୍ତେ ଏମାନେ ବିଭିନ୍ନ ମାଧ୍ୟମ ଆପଣେଇଥାନ୍ତି। ଆସନ୍ତୁ ଜାଣିବା ସେ ସମ୍ପର୍କରେ...



❖ ବିଭିନ୍ନ ପ୍ରକାରର ଶବ୍ଦ ବ୍ୟବହାର କରି ଲୋକେ ବାକ୍ୟ ତିଆରି କରି କଥାବାର୍ତ୍ତା ହୁଅନ୍ତି। କିନ୍ତୁ ପ୍ରାଣୀମାନେ ଅନେକ ସମୟରେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ସ୍ୱର ସୃଷ୍ଟି କରନ୍ତି।

❖ ପ୍ରାଣୀମାନେ ବିଭିନ୍ନ ପ୍ରକାରର ବଡି ଲାଙ୍ଗୁଏଜ୍ ବ୍ୟବହାର କରନ୍ତି। ଏଇ ଯେମିତି ତୁମେମାନେ ଦେଖିଥିବ ଘରେ ଥିବା ପୋଷା କୁକୁର ଖୁସି ହୋଇଗଲେ କିଭଳି ଭାବରେ ଲାଞ୍ଜ ହଲାଇ ଥାଏ। ସେମିତିଭାବେ ଅନ୍ୟ ସବୁ ପ୍ରାଣୀ ମଧ୍ୟ ଭିନ୍ନ ଭିନ୍ନ ଭାବେ ଶାରୀରିକ ଭଙ୍ଗୀ କରି ପରସ୍ପରକୁ ନିଜ ଭାବ ପ୍ରଦର୍ଶନ କରନ୍ତି।

❖ ପିମ୍ପୁଡ଼ିମାନେ ଏକ ପ୍ରକାରର ରାସାୟନିକ ପଦାର୍ଥ ବାହାର କରିଥାନ୍ତି ଯାହା କି ସେନସର୍ ଭଳି କାମ କରିଥାଏ। ଫଳରେ ଅନ୍ୟ ପିମ୍ପୁଡ଼ିମାନେ ବୁଝିଯାଆନ୍ତି ଓ ସେହିଭଳି ଅନୁସରଣ କରନ୍ତି।

❖ ଶରୀରର ବିଭିନ୍ନ ଭାଗକୁ ସ୍ପର୍ଶ କରି ପ୍ରାଣୀମାନେ ପରସ୍ପର ସହ ଭାବ ଆଦାନପ୍ରଦାନ କରନ୍ତି। ଯେମିତିକି ହାତୀ ତା ସାଥୀର ଥୋଡପାହାଡକୁ ଛୁଇଁ ନିଜର ବନ୍ଧୁତା ଜଣାଇଥାଏ।

# ମତାମତ

▶▶ ପ୍ରିୟ କାର୍ଟୁନ୍ ପାଠରୁ ମିକି ମାଉସ୍ କାର୍ଟୁନ ବିଷୟରେ ବହୁତ କଥା ଜାଣିବାକୁ ପାଇଲି। ପେପର୍ ପ୍ରଜାପତି କ୍ରାଫ୍ଟ କିପରି କରିବେ ଶିଖିଲି ଏବଂ ନିଜେ ମଧ୍ୟ କରିବି।

**-ମିତିନ୍ ରାୟ, ରାଉରକେଲା**

▶▶ 'ପରୀକ୍ଷା ପରେ' ପାଠରୁ ପିଲାମାନେ କ'ଣ କରିବା ଦରକାର ସେ ବିଷୟରେ ଭଲ ଆଇଡିଆ ମିଳିଲା। **-ଜନ୍ମେଜୟ ନାୟକ, ଜଗତ୍‌ସିଂହପୁର**


▶▶ କଳି ତୁଟେଇଲା ସରିତା ଗଳ୍ପରୁ ଛୋଟ ପିଲାଟିଏ ଦୁଇଗାଁ ମଧ୍ୟରେ ଥିବା ମନାନ୍ତରକୁ ଦୂର କଲା ସେସମ୍ପର୍କରେ ଜାଣିପାରିଲି। **-ବିଶ୍ୱାସ ରଞ୍ଜନ ମଲ୍ଲ, ରାଜକନିକା, କେନ୍ଦ୍ରାପଡ଼ା**

# ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





**ସୃଷ୍ଟି ସୁଗନ୍ଧା ପାହାଡ଼ସିଂ**
କ୍ଲାସ- ୩, କିଟ୍ ପବ୍ଲିକ ସ୍କୁଲ, ଭୁବନେଶ୍ୱର

## ସୂଚନା

ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com




# ମ୍ୟାଥ୍ ଭୟ

କେତେକ ପିଲାଙ୍କର ଗଣିତକୁ ନେଇ ଭୟ ରହିଥାଏ । ଗଣିତ ବହିକୁ ଦେଖିଲା ମାନେ ଏହି ସମସ୍ୟା କିପରି ସମାଧାନ ହେବ ସେଇ ଚିନ୍ତା ମନକୁ ବ୍ୟଥିତ କରିଦିଏ । ଏହାକୁ ମ୍ୟାଥ୍ ଫୋବିଆ କୁହାଯାଏ । କିନ୍ତୁ ପିଲାମାନେ ତୁମେ ଜାଣିଛ ଗଣିତକୁ ଠିକ୍ ଭାବେ ବୁଝିବାର ଶୈଳୀ ନ ଜାଣିପାରିବା ହିଁ ଏହି ବିଷୟରେ ଦୁର୍ବଳ ହେବାର ମୁଖ୍ୟ କାରଣ । ତେଣୁ ଗଣିତରେ ଭଲ କରିବାକୁ ହେଲେ କେତେକ ସୂତ୍ର ଠିକ୍ ଭାବେ ଶିଖିବା ନିହାତି ଆବଶ୍ୟକ...

## ଦୈନନ୍ଦିନ ଜୀବନରେ ସୂତ୍ର ଖୋଜ

ଗଣିତ କେବଳ ଫର୍ମୁଲା ନୁହେଁ । ଏହା ଆମ ପ୍ରତିଦିନର ଜୀବନରେ ଘଟୁଥିବା କଥା । ଯେତେବେଳେ ତୁମେ ବଜାରକୁ ଯାଇ ଫଳଟିଏ ଆଣୁଛ ତାକୁ ଚାରି ଖଣ୍ଡ କଲ । ନିଜେ ଖଣ୍ଡେ ଖାଇଲ ଆଉ କେତେ ଖଣ୍ଡ ରହିଲା । ଏହି ପରି ନିଜେ ହିସାବ କର । ତୁମେ ପନିପରିବା କିଣିଲ ୮୦ଟଙ୍କାର ଏବଂ ପରିବା ବାଲାକୁ ୧୦୦ଟଙ୍କା ଦେଲ ଆଉ କେତେଟଙ୍କା ଦୋକାନୀଠୁ ପାଇବ । ଏଇଟା ନିଜେ ହିସାବ କର । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭଲଭାବେ ପଣକିଆ ଅଭ୍ୟାସ କରନ୍ତୁ, ଏହା ଗଣିତ ପାଠକୁ ସମାଧାନ କରିବାରେ ଅଧିକ ସାହାଯ୍ୟ କରିଥାଏ ।

## ଆବାକଶ

ଆବାକଶ ଗଣିତ ପିଲାଙ୍କର ମାନସିକ ବିକାଶରେ ସାହାଯ୍ୟ କରୁଥାଏ । ଏହା ପିଲାର ଏକାଗ୍ରତା ଏବଂ ସ୍ମୃତି ଶକ୍ତି ବଢ଼ାଇଥାଏ । ଏହି ଉପାୟରେ ବଡ ବଡ ଗୁଣନ ହରଣ କରିବା ଶୈଳୀ ଖୁବ୍ ସହଜରେ ହୋଇଥାଏ । ଏହାଦ୍ୱାରା ତାଙ୍କର ଭିଜୁଆଲାଇଜେଶନ୍ ପାୱାର ଏବଂ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ ।

## ମ୍ୟାଥଗେମ୍ସ

ମୋବାଇଲ୍‌ରେ ଏଣୁତେଣୁ ଭିଡିଓ ଦେଖିବା ବଦଳରେ ତୁମେମାନେ ଏପରି ଗେମ୍ ଖେଳ ଯାହାଦ୍ୱାରା ବ୍ରେନ୍‌ର ବ୍ୟବହାର ହୋଇ ପାରିବ । ଯେମିତିକି ସୁଡୋକୁ, ରୁବିକ୍ସ, ଲୁଡୁ ଏବଂ ମୋନୋପଲି ଭଳି ଖେଳ ପିଲାଙ୍କ ମସ୍ତିଷ୍କକୁ ଲଜିକାଲି ସକ୍ରୀୟ କରିଥାଏ ।

## ଭୁଲ୍ ହେଲେ ପଚାରି ବୁଝନ୍ତୁ

ଯଦି ମ୍ୟାଥ୍ କରିବା ସମୟରେ କେଉଁ ପ୍ରଶ୍ନର ଉତ୍ତର ଆସୁନି ତେବେ ତାକୁ ନ ଛାଡି ମାତା, ପିତା କିମ୍ବା ଶିକ୍ଷୟତ୍ରୀଶିକ୍ଷକଙ୍କଠାରୁ ପଚାରି ବୁଝନ୍ତୁ ଏବଂ ପ୍ରତିଦିନ ଅଙ୍କ କଷିବା ଅଭ୍ୟାସ କରନ୍ତୁ । ଯଦି ତୁମକୁ ମ୍ୟାଥ ଆସୁନି ତେବେ ଏଥିପାଇଁ ଅନ୍ୟମାନଙ୍କର ସାହାଯ୍ୟ ନେଇପାରିବେ ।

## ଘଡି ଦେଖି ସମୟ ଜାଣିବାର ଅଭ୍ୟାସ କରନ୍ତୁ

ପିଲାମାନେ ଛୋଟବେଳୁ ଘଡି ଦେଖି ଶିଖିବା, ସ୍କେଲ ମାଧ୍ୟମରେ ମାପି ସବୁ ଜିନିଷ ଜାଣିବା, କ୍ୟାଲେଣ୍ଡର ବ୍ୟବହାର ଆଦି କରିବା ଶିଖିବା ଆବଶ୍ୟକ । ଏବେ ୪:୧୫ ହୋଇଛି , ତେବେ ଅଧାଘଣ୍ଟା ପରେ କେତେ ସମୟ ହେବ । ତୁମ ପେନ୍‌ସିଲ୍ କେତେ ସେଣ୍ଟିମିଟର ଏଭଳି ଅଭ୍ୟାସ ପିଲାଙ୍କୁ ସଚେତନ କରିବ ଏବଂ ଭବିଷ୍ୟତରେ ଜ୍ୟାମିତି ଭଳି କଠିନ ବିଷୟ ବୁଝିବାରେ ସହଜ ହେବ । ଧ୍ୟାନ ରଖନ୍ତୁ କୌଣସି ପିଲା ଯେତେ ଶୀଘ୍ର ବ୍ୟବହାର କରିବା ଆରମ୍ଭ କରିବ ସେତେ ଶୀଘ୍ର ଏସବୁ ଶିଖିବେ ସେତେଶିଘ୍ର ଗଣିତ ବୁଝିବା ସହଜ ହୋଇପାରିବ ।




## ଏମାନେ କ'ଣ କରନ୍ତି

### ମାନସିକ ସ୍ତରରେ ପ୍ରସ୍ତୁତ ହୁଏ

ମ୍ୟାଥ୍‌ମେଟିକ୍ସ ଏକ ସହଜ ପାଠ ନୁହେଁ । ଏହାକୁ କେବେ ହାଲୁକା ଭାବରେ ନେଇ ନ ଥାଏ । ଏହାକୁ ପଢ଼ିବା ପୂର୍ବରୁ ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରେ । କାରଣ ମନ ଯଦି ଶାନ୍ତ ନ ରହିଲା ତେବେ ମ୍ୟାଥ୍ ଫର୍ମୁଲା ଏବଂ ସଲ୍ୟୁସନ କିଛି ବୁଝି ହୋଇ ନ ଥାଏ । ସ୍କୁଲରେ ସାର୍ ମ୍ୟାଥ୍ କଷିବା ବେଳେ ତାହାକୁ ଧ୍ୟାନର ସହ ଲକ୍ଷ୍ୟ କରେ । ଯଦି କିଛି ବୁଝି ପାରେନି ତେବେ ବିଳମ୍ବ ନ କରି ପଚାରିଥାଏ । ସବୁବେଳେ ମନକୁ ଦୃଢ଼ କରି ମ୍ୟାଥ୍ ପଢ଼ିବାକୁ ବସେ । ଏହାର ସଲ୍ୟୁସନ୍ କିପରି ସହଜରେ କରିହେବ ସେ ନେଇ ସାର୍ ଦେଇଥିବା ଟିପ୍ସକୁ ଅନୁସରଣ କରେ ।



**–ରଶ୍ମି ରଞ୍ଜନ ସାହୁ,** କ୍ଲାସ-୮,
ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ନୂଆବଜାର, କଟକ

### ଦୃଢ଼ ଆତ୍ମବିଶ୍ୱାସ ରଖେ


ପ୍ରଥମେ ମ୍ୟାଥ୍ ସବଜେକ୍ଟ ମୋତେ ଏକ ବୋଝ ପରି ଲାଗୁଥିଲା । କିନ୍ତୁ ଏକଦା ମୋର ଏଭଳି ସମସ୍ୟା ବିଷୟରେ ସ୍କୁଲର ମ୍ୟାଥ୍ ସାର୍‌ଙ୍କୁ କହିଲି । ତା'ପରେ ସେ ମୋତେ କିପରି ମ୍ୟାଥ୍ ସଲ୍ୟୁସନ ସହଜରେ କରିପାରିବି ସେ ନେଇ ଭଲ ଭାବରେ ବୁଝାଇ ଦେଲେ । ସେ ମୋତେ ପ୍ରଥମେ ଆତ୍ମବିଶ୍ୱାସ ଦୃଢ଼ ରଖିବାକୁ କହିଥିଲେ, ଯାହାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ । ମ୍ୟାଥ୍ କଷିବା ବେଳେ ଯେପରି ଦ୍ୱନ୍ଦ୍ୱରେ ନ ପଡେ ସେ ନେଇ ନିଜକୁ ପ୍ରସ୍ତୁତ କରିନିଏ । ଯେହେତୁ ମ୍ୟାଥ୍ ହେଉଛି ବୁଦ୍ଧିର ପାଠ, ତେଣୁ ମନକୁ ସ୍ଥିର ରଖି ଏଥି ନେଇ ପ୍ରସ୍ତୁତ ହୁଏ ।



**–ଧର୍ମୀଷ୍ଠା ଚାନ୍ଦ,** କ୍ଲାସ-୭, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଇକମାଳ, ବରଗଡ

# ମ୍ୟାଥ୍ ପଜଲ୍

## ପ୍ରଶ୍ନ





## ଗତ ସପ୍ତାହର ଉତ୍ତର : ୨୭ କେଜି



ଉତ୍ତରଦାତା– ସ୍ୱସ୍ତିକ ମିଶ୍ର, କ୍ଲାସ୍–୬, ଡି.ପି.ଏସ୍, ଢେଙ୍କାନାଳ

## ବିନ୍ଦୁ ଯୋଡ଼



# କୁନି ନୃତ୍ୟାଙ୍ଗନା ଦେବସ୍ମିତା

### ଶିଶୁ ପ୍ରତିଭା

ଦିନେ ଟିଭିରେ ଗୀତ ବାଜିଲେ ସେ ଆପେ ଆପେ ନାଚୁଥିଲେ। କୁନି ଝିଅର ଏଭଳି ଆଚରଣ ଦେଖି ନୃତ୍ୟ କଳା କ୍ଷେତ୍ରରେ ତାଙ୍କର ଯେ ସ୍ୱତନ୍ତ୍ର ପ୍ରତିଭା ଅଛି ଏକଥା ବୁଝିପାରିଥିଲେ ଘର ଲୋକେ। ତେଣୁ ନାଚ ଶିଖିବା ପାଇଁ ବ୍ୟବସ୍ଥା କରିଥିଲେ। ଆଉ ସେହି ଦିନଠାରୁ ନୃତ୍ୟ ଜଗତରେ ନିଜ ଯାତ୍ରା ଆରମ୍ଭ କରି ଆଜି ଏକ ସ୍ୱତନ୍ତ୍ର ପ୍ରତିଭା ପାଲଟିଛନ୍ତି ଦେବସ୍ମିତା ପ୍ରଧାନ (ପିହୁ)। ବାପା ଶଙ୍କର୍ଷଣ ପ୍ରଧାନ ରେଳବାଇ ବିଭାଗରେ କାମ କରନ୍ତି। ମାତା ଜୟନ୍ତୀ ପ୍ରଧାନ ଗୃହିଣୀ। ନିଜ ଗାଁ ସୋନପୁରର ବୀରମହାରାଜପୁରରେ ହୋଇଥିଲେ ହେଁ ବାପାଙ୍କ ଚାକିରି ଯୋଗୁ ଛୋଟବେଳୁ ରହୁଛନ୍ତି ପୁରୀ ଶ୍ରୀକ୍ଷେତ୍ର କଲୋନିରେ। ଏହିଠାରେ ସେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ପାଠପଢ଼ା ସହିତ ପୁରୀର ଲିଙ୍ଗରାଜ କଳା ନିକେତନରେ ନୃତ୍ୟ ଶିକ୍ଷା କରୁଛନ୍ତି। ବିଶେଷକରି ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରତି ତାଙ୍କର ଆକର୍ଷଣ ବହୁତ ଅଧିକ। ସେଥିପାଇଁ ଏତେ କମ୍ ବୟସରୁ



ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସେ ପୁରସ୍କାର ଓ ସମ୍ମାନ ହାସଲ କରିପାରିଛନ୍ତି। ପୁରୀରେ ଆୟୋଜିତ ଫୋକ୍ ଫେଷ୍ଟ ୨୦୨୪ରେ ସେ ଫୋକ ଡ୍ୟାନ୍ସରେ ପ୍ରଥମ, ଶ୍ରୀଧାମ କଲ୍ଚରାଲ ଆକାଡେମୀରେ ସେମି କ୍ଲାସିକାଲ ନୃତ୍ୟ ପରିବେଷଣ କରି ଦ୍ୱିତୀୟ ପୁରସ୍କାର ହାସଲ କରିଥିଲେ। ସେହିପରି ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ୨୦୨୪ରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ଓ କରୀଶ୍ମା ଫାଉଣ୍ଡେଶନ୍ ପକ୍ଷରୁ ସେମି କ୍ଲାସିକାଲ୍ ନୃତ୍ୟ ପରିବେଷଣ କରି ଦ୍ୱିତୀୟ ହୋଇଥିଲେ। ୨୦୨୫ରେ ପୁରୀରେ ଆୟୋଜିତ ଟାଲେଣ୍ଟ ଫେଷ୍ଟରେ ନୃତ୍ୟ ପରିବେଷଣ କରି ତୃତୀୟ ସ୍ଥାନ, କୁମାର ଉତ୍ସବରେ ପ୍ରଥମ, ଜନ୍ମାଷ୍ଟମୀ ମହୋତ୍ସବରେ ପ୍ରଥମ, ଡ୍ୟାନ୍ସ ପରି ଡ୍ୟାନ୍ସର ସେମି କ୍ଲାସିକାଲ ବିଭାଗରେ ଦ୍ୱିତୀୟ ଓ ଫୋକ୍ ଡ୍ୟାନ୍ସ ବିଭାଗରେ ପ୍ରଥମ, ନବରତ୍ନ ୨୦୨୫ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଚଳିତବର୍ଷ ଷ୍ଟେଟ ଅଫ୍ ଫେଷ୍ଟ ୨୦୨୬ରେ ଭାଗ ନେଇ ସେ ପ୍ରଥମ ହୋଇଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେଇ ସେ ଆଚାର୍ଯ୍ୟ ତାରିଣୀ ଚରଣ ପତ୍ର ସମ୍ମାନ ଉତ୍ସବ ୨୦୨୪ ଓ ଭୁବନେଶ୍ୱରର ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇ ଭାରତୀୟ କଳାଶ୍ରୀ ସମ୍ମାନ ୨୦୨୪ ହାସଲ କରି ପାରିଛନ୍ତି। ଏତେ କମ୍ ବୟସରୁ ଦେବସ୍ମିତାଙ୍କର ସଫଳତାର ତାଲିକା ବେଶ୍ ଲମ୍ବା ହୋଇ ସାରିଛି। ତେବେ ଭବିଷ୍ୟତରେ ଜଣେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନାଭାବେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

### ପ୍ରିୟ କାର୍ଟୁନ୍

# ଟମ୍ ଆଣ୍ଡ ଜେରୀ

କଥା ନ କହି ମଧ୍ୟ ୮୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କେବଳ ପିଲା ନୁହେଁ ପ୍ରତ୍ୟେକ ବର୍ଗଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିବା ସବୁଠୁ ଲୋକପ୍ରିୟ କାର୍ଟୁନ୍ ପ୍ରୋଗ୍ରାମ ହେଉଛି 'ଟମ୍ ଆଣ୍ଡ ଜେରୀ'। ଏହି ଆମେରିକୀୟ ଆନିମେଟେଡ୍ କାର୍ଟୁନ୍ ଶର୍ଟଫିଲ୍ମ ସିରିଜ୍‌ର ନିର୍ମାତା ହେଉଛନ୍ତି ୱିଲିୟମ ହାନା ଏବଂ ଜୋସେଫ୍ ବାର୍ବେରା। ଏହି କାର୍ଟୁନ୍ କ୍ୟାରେକ୍ଟର ଦ୍ୱୟ ୧୯୪୦ ମସିହା ଫେବୃଆରୀ ୧୦ ତାରିଖରେ 'ପୁସ୍ ଗେଟ୍ସ ଦ ବୁଟ୍' ନାମକ ଶର୍ଟ ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ଲୋକ ଲୋଚନକୁ ଆସିଥିଲେ। ତେବେ ଆରମ୍ଭରେ ସେହି ବିଲେଇର ନାମ ଜ୍ୟାସ୍ପର ଏବଂ ମୂଷାର ନାମ ଜିଙ୍କ୍ସ ଥିଲା। ହେଲେ ନିର୍ମାତାଙ୍କୁ ଏହି ନାଁ ଏତେ ପସନ୍ଦ ଆସୁ ନ ଥିବାରୁ ଏହାକୁ ବଦଳାଇବା ଲାଗି ଏକ ପ୍ରତିଯୋଗିତା କରିଥିଲେ। ସେଥିରେ ଜନ୍ କାର୍ ନାମକ ଜଣେ ଆନିମେଟର 'ଟମ୍ ଏବଂ ଜେରୀ' ନାଁ ରଖିବାକୁ ମତ ଦେଇଥିଲେ। ଏହି ନାଁ ସମସ୍ତଙ୍କୁ ପସନ୍ଦ ଆସିଥିବାରୁ ଉକ୍ତ ପ୍ରତିଯୋଗୀଙ୍କୁ ୫୦ ଡଲାର ପୁରସ୍କାର ଦିଆଯାଇଥିଲା। ବେଷ୍ଟ ଆନିମେଟେଡ୍ ଶର୍ଟଫିଲ୍ମ ପାଇଁ ଏହାକୁ ୭ ଥର ଏକାଡେମିକ୍ ଆୱାର୍ଡ (ଓସ୍କାର) ମିଳିଛି।





### ଆଶ୍ଚର୍ଯ୍ୟ କଥା

# କେଚପ୍


**ପିଲାମାନେ କେଚପ୍ ନାଁ ଶୁଣିଲାମାତ୍ରେ ନୁଡଲ୍ସ, ସ୍ନାକ୍ସ ଆଦି ସହିତ ଖାଉଥିବା ଟେଷ୍ଟି ଟେଷ୍ଟି ଟମାଟୋ କେଚପ୍ କଥା ନିଶ୍ଚୟ ମନକୁ ଆସୁଥିବ। ହେଲେ ତୁମେମାନେ ଏହାର ପ୍ରସ୍ତୁତି ପଛରେ ଥିବା ଇତିହାସ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବ...**

- ୧୭ ଶତାବ୍ଦୀରେ ସର୍ବପ୍ରଥମେ ଚାଇନାରେ କେଚପ୍ ପ୍ରସ୍ତୁତ ହୋଇଥିଲା। ହେଲେ ସେତେବେଳେ ଟମାଟୋ ନୁହେଁ ବରଂ ମାଛର ବିଭିନ୍ନ ଅଙ୍ଗ ଓ ମସଲା ବ୍ୟବହାର କରି ନମ୍‌କିନ୍ ସସ୍ ପ୍ରସ୍ତୁତ କରାଯାଉଥିଲା। ସେଠାରେ ଏହାକୁ କେ–ସିଆପ୍(ke–tsiap) କୁହାଯାଉଥିଲା, ଯାହାର ଅର୍ଥ ମାଛ ଆଚାର ବା ଫର୍ମେଣ୍ଟେଡ୍ ଫିସ୍।
- ପରେ କେଚପ୍ ପ୍ରସ୍ତୁତି ପାଇଁ ଛତୁ, ଅଖରୋଟ୍ ଆଦି ମଧ୍ୟ ବ୍ୟବହାର କରାଯାଉଥିଲା।
- ୧୮୧୨ରେ ଜେମ୍ସ ମିଜ୍‌ଙ୍କ ଦ୍ୱାରା ଟମାଟୋରେ କେଚପ୍ ପ୍ରସ୍ତୁତି ଆରମ୍ଭ ହେଲା। ପରେ ୧୮୭୨ରେ ହାଏଞ୍ଜ ଭଳି ପ୍ରସିଦ୍ଧ କମ୍ପାନୀ ଦ୍ୱାରା କେଚପ୍ ବ୍ୟବସାୟ ଆରମ୍ଭ ହେବାପରେ ଖାଦ୍ୟ ଭାବେ ଏହାର ଲୋକପ୍ରିୟତା ବଢିଲା ଏବଂ ଯାହାକି ଏପର୍ଯ୍ୟନ୍ତ ମଧ୍ୟ ରହିଛି। ପରବର୍ତ୍ତୀ ସମୟରେ ଅନେକ ଖାଦ୍ୟ ପ୍ରସ୍ତୁତି କମ୍ପାନୀ କେଚପ୍ ପ୍ରସ୍ତୁତ କରି ବିକ୍ରୟ କଲେ।
- ୧୮୩୪ ମସିହା ବେଳକୁ ଡା. ଜନ୍ କୁକ୍ ବେନେଟ୍ ହଇଜା ଓ ବଦହଜମି ଭଳି ରୋଗର ପେଟେଣ୍ଟ ମେଡିସିନ୍ ଭାବେ ରୋଗୀଙ୍କୁ ଦେଉଥିଲେ।
- ପ୍ରଥମେ ଏହା କେବଳ କାଚ ବୋତଲରେ ମିଳୁଥିବା ବେଳେ ୧୯୮୦ମସିହା ପରଠାରୁ ଏହା ସ୍କ୍ୱିଜ ବୋତଲରେ ବି ଉପଲବ୍ଧ ହେଲା।

## ଉଦ୍ଭାବନ ଓ ଉଦ୍ଭାବକ





୧. ବଲ୍ ପଏଣ୍ଟ ପେନ୍ (୧୮୮୮).... ଜନ୍ ଜେ. ଲାଉଡ୍






୩. ମାଇକ୍ରୋସ୍କୋପ୍ (୧୫୯୦) ... ଜାକାରିଆସ୍ ଜାନ୍‌ସେନ୍





୨. ହେଲିକପ୍ଟର (୧୯୩୯) ... ଇଗୋର୍ ସିକୋରସ୍କୀ





୪. ରେଡିଓ(୧୮୯୪) ...ଗୁଗ୍ଲିଏମୋ ମାର୍କୋନି



**ସୂଚନା:** ଏହି ପୃଷ୍ଠାରେ ଦିଆଯାଇଥିବା ମ୍ୟାଥ୍ ପଜଲ୍‌ର ଉତ୍ତର ଓ ବିନ୍ଦୁ ଯୋଡି କେଉଁ ଜୀବ ହେଲା ତାହାର ଚିତ୍ର କରି ଆମ ପାଖକୁ ପଠାନ୍ତୁ। ଠିକ୍ ଉତ୍ତର ଦେଇଥିବା ବିଜେତାଙ୍କ ନାମ, ଠିକଣା ଓ ଫଟୋ ଆଗାମୀ ସପ୍ତାହରେ ପ୍ରକାଶ ପାଇବ। ଆମ ଠିକଣା–dharitrifeature@gmail.com



# କବିତା

## ସୁନ୍ଦର

ସକାଳ ସୁନ୍ଦର ସୁରୁଯ ପାଇଁ
ପୋଖରୀ ସୁନ୍ଦର ଫୁଟିଲେ କଇଁ।
ଆକାଶ ସୁନ୍ଦର ନ ଥିଲେ ମେଘ
ମୁହଁଟି ସୁନ୍ଦର ନ ଥିଲେ ରାଗ।
ବଗିଚା ସୁନ୍ଦର ଫୁଟିଲେ ଫୁଲ
ସଡ଼କ ସୁନ୍ଦର ନ ଥିଲେ ଖାଲ।
ପଡିଆ ସୁନ୍ଦର ରହିଲେ ଘାସ
ଓଠ ପାଇଁ ଶୋଭା ସୁନ୍ଦର ହସ।
ନଦୀକୁ ସୁନ୍ଦର ତରଣୀ ଦିଶେ
ସବୁଜ ବନରେ ଧରଣୀ ହସେ।

**– ସନ୍ଧ୍ୟାରାଣୀ ମହାନ୍ତି**
କ୍ଲାସ-୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବି.ସି.ପୁର, ମୟୂରଭଞ୍ଜ
ମୋ: ୯୦୭୮୬୮୮୮୯୧

## ମାତୃ ଭାଷାର ମମତା

ଜନନୀ ଭୂମିକୁ ନେଇ
ମୁଁ ଗାଏ ନାନା ଗୀତ,
ସ୍ୱର ଭାବ ତାଳରେ ଛନ୍ଦା
ମୋ ଓଡ଼ିଆ ଭାଷା ମମତା।
ଗାଏ ମୁଁ ଗୀତ ହସେ ମୋ ମିତ
ଛନ ଛନ ମୋ ହୃଦୟ ଭାଷା,
ଓଡ଼ିଆ କଳା ଇତିହାସ ସାକ୍ଷୀ
ପରିଚୟ ସୃଷ୍ଟି କରେ ମାତୃଭାଷା କହି।
ବଳିଷ୍ଠ ହୃଦୟେ ମାତୃଭାଷା ମମତା
ପ୍ରାଣ ମୂର୍ଚ୍ଛନାରେ ଝୁରେ ଜୋଛନା,
ଅତୀତ କହେ ବର୍ତ୍ତମାନକୁ ନେଇ ମୋ
ଓଡ଼ିଆ ଭାଷାରେ ଅଛି ସରଗ ସୁଖ ଭାଇ।
ସରଳ ସୁନ୍ଦର ମାତୃଭାଷାରେ ଭରା
ଦେଖି ତୋଷିବ ଜନ ମାନସ ପରା।

**– ଦୁଷ୍ମନ୍ତ ବେହେରା**
ମୋ: ୮୮୯୫୦୯୦୧୬୩

## ନବ ଉତ୍କଳର ଛବି

ଆଜି ନାହୁଁ ଆମେ ବିହାର,ବଙ୍ଗ
ଶାସକ ଅଧୀନ ତଳେ,
ଆମେ ତ ଗଢ଼ିଛୁ ସ୍ୱତନ୍ତ୍ର ଉତ୍କଳ
ଆମରି ବାହୁର ବଳେ।
ଉଣେଇଶ ଛତିଶ ଏପ୍ରିଲ ପହିଲା
ନବ ଉତ୍କଳର ଛବି,
ହସି ଉଠିଥିଲା ଭୂଗୋଳ ପୋଥିରେ
ସକାଳର ନୂଆ ରବି।
କୃଷ୍ଣଚନ୍ଦ୍ର, ମଧୁ, ଫକୀରମୋହନ
ନୀଳକଣ୍ଠ, ଗଙ୍ଗାଧର,
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନେ
ଉଠି ଥିଲା ତାଙ୍କ ସ୍ୱର।
କଳିଙ୍ଗ ସମ୍ରାଟ ଐର ଖାରବେଳ
ବିର୍ସା, ଜଗବନ୍ଧୁ, ବାଜି,
ଉତ୍କଳ ପ୍ରଦେଶ ପାଇଁ ଲଢ଼ିଛନ୍ତି
ବୀର ସୈନିକ ସାଜି।
ନିଜ ରକତକୁ ପାଣି କରିଛନ୍ତି
ଏଇ ମାଟି ମାଆ ପାଇଁ,
ଆସରେ ସଭିଏଁ ଉତ୍କଳ ସନ୍ତାନ
ପୂଜିବା ଉତ୍କଳ ଭୂଇଁ।

**– ତପନ କୁମାର ସ୍ୱାଇଁ**
ମୋ: ୯୪୩୭୫୯୭୭୫୧

## ଓଡ଼ିଆ ପରିଚୟ

ପିଲାଏ ମିଳି କରିଲେ ମେଳି
ପାଳିବେ ଦେଇ ମନ
ଭାଷାକୁ ନେଇ ଗଢ଼ା ରାଇଜ
ଯା' ଆଜି ଜନ୍ମଦିନ।
ନଦୀ ସାଗର ହରଦ ଗିରି
ଗହୀର ପାଟ ବନ
ମନ୍ଦିର ବେଢ଼ା କୋଣାରକର
କାରିଗରିକି ମାନ।
ଧଉଳି ହୀରାକୁଦ ଧାମରା
ଚାନ୍ଦୁଆ ତାରକସି
ଶିମିଳିପାଳ ସପତଶଯ୍ୟା
ଗଉରୀ ଦିଏ ହସି।
ଓଡ଼ିଶୀ ଗୋଟିପୁଅ ମାହାରି
ଓଡ଼ିଆ ପରିଚୟ
ପାଟଲୁଗାରେ ପଟ୍ଟଚିତ୍ରରେ
କରୁ ହୃଦୟ ଜୟ।
ପୁନେଇଁ ପର୍ବ ଯାତ୍ରା ଉଚ୍ଛବ
ମିଳାଏ କାନ୍ଧେ କାନ୍ଧ
ଏକତା ରଖି ଋଣ ଶୁଝିବା
କାମେ ନ ହୁଅ ଅନ୍ଧ।

**– ମହେନ୍ଦ୍ର କୁମାର ଘଡ଼େଇ**
ମୋ: ୯୪୩୭୭୪୦୫୬୬

## ଏଥରର

- ବିଜୁଳି ବଲ୍‌ବର ଆବିଷ୍କାର କିଏ କରିଥିଲେ ?
- ଟେଲିଭିଜନ୍‌ର ଆବିଷ୍କାର କିଏ କରିଥିଲେ ?
- ଟେଲିଫୋନ୍‌ର ଆବିଷ୍କାର କିଏ କରିଥିଲେ ?
- ଉଡାଜାହାଜର ଆବିଷ୍କାର କିଏ କରିଥିଲେ ?
- ଜୟ ଯବାନ ଜୟ କିଷାନ ସ୍ଲୋଗାନ୍ କିଏ ଦେଇଥିଲେ ?

## ଉତ୍ତର

### ଗତଥରର

- ୧୬୦୮ ମସିହା
- ୨୦୦ ବର୍ଷ
- ତ୍ରିରଙ୍ଗା
- ୦୦୭
- ୨୪୫

## କହିଲ ଦେଖି

ଉଣେଇଶ ଛତିଶ ଏପ୍ରିଲ ଏକ
ରହିଗଲା ଆମ ଉତ୍କଳ ଟେକ,
ଭାଷା ଭିତ୍ତିକ ଏ ପ୍ରଦେଶ ହେଲା,
ଓଡ଼ିଆ ବୀରଙ୍କ ଯଶ ରହିଲା,
କେଉଁ ଦିବସ ଏ ଓଡ଼ିଆ ପାଳେ ?
ମହାପୁରୁଷଙ୍କ ନାମକୁ ଭାଳେ !



ଉତ୍ତର – **ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ**

ଚୈତ୍ର ପୂର୍ଣ୍ଣିମାର ପୂରୁବ ଦିନ
ଅଗ୍ନି ଦେବୀ ପୂଜା ହୁଏ ପାଳନ,
ଶ୍ରୀମନ୍ଦିର ରୋଷ ଶାଳାର ଦେବୀ
ଅଗ୍ନି ଭୟ ହଟେ ତାହାଙ୍କୁ ସେବି,
ତାଳଚେରକୁ ସେ ଆସନ୍ତି ଥରେ,
କେଉଁ ମାତା ସିଏ କହିଲ ବାରେ !



ଉତ୍ତର – **ହିଙ୍ଗୁଳା ମାତା**

ଲାଲ୍, କମଳା ଓ ହଳଦୀ,ଧଳା
ନାନା ରଙ୍ଗ ତା'ର ଦେହରେ ବୋଳା,
ଦେଖିବାକୁ ସିଏ ଭାରି ସୁନ୍ଦର,
ଭକ୍ତ ନେଇଥାଏ ଦେବୀ ମନ୍ଦିର,
କେଉଁ ଫୁଲ ଦେଇ କୁହ ହେ ମାଆ,
ବିପଦେ ଆପଦେ ହୁଅ ହେ ସାହା !



ଉତ୍ତର– **ମନ୍ଦାର ଫୁଲ**


କ୍ରୁଶବିଦ୍ଧ ହେଲେ ଏ ଦିନ ଯିଶୁ,
ତାଙ୍କ ପଦ ସେବି ଏ ଭକ୍ତ ହସୁ,
ପାଳି ଏ ଦିବସ କରିଲେ ଭକ୍ତି,
ପରମେଶ୍ୱର ଠୁଁ ମିଳିବ ମୁକ୍ତି।
ଏ କେଉଁ ବାର ?
ଉପବାସ ରହି ପାଳନ୍ତି ନର !



ଉତ୍ତର– **ଶୁଭ ଶୁକ୍ରବାର/ଗୁଡ୍ ଫ୍ରାଇଡେ**

**– କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମାଗାଦି, ଢେଙ୍କାନାଳ
ମୋ:୯୯୩୮୧୩୩୫୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## ପାରାଚୁଟ ଷ୍ଟଣ୍ଟ

ସିନେମାରେ ବିଭିନ୍ନ ପ୍ରକାରର ଷ୍ଟଣ୍ଟ ଦେଖିବାକୁ ମିଳେ। ତେବେ ଏଭଳି ଷ୍ଟଣ୍ଟ କରି ଗିନିଜ୍ ରେକର୍ଡ କରିଛନ୍ତି ହଲିଉଡ୍ କଳାକାର ଟମ୍ କ୍ରୁସ୍। ଆମେରିକାର ଏହି କଳାକାରଜଣକ ଅତି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିଥାନ୍ତି। ୨୦୨୫ରେ ରିଲିଜ୍ ହୋଇଥିବା ଫିଲ୍ମ 'ମିସନ୍ ଇମ୍ପସିବଲ– ଦି ଫାଇନାଲ ରେକୋନିଂ'ରେ ସେ ଏହି ରେକର୍ଡ କରିଛନ୍ତି। ଏହି ସିନେମାରେ ସେ ନିଆଁ ଲାଗିଥିବା ଏକ ପାରାଚୁଟ୍‌ରେ ୭,୫୦୦ ଫୁଟ ଉପରୁ ଓହ୍ଲାଇ ଷ୍ଟଣ୍ଟ ଦେଖାଇ ଥିଲେ। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ରୋମାଞ୍ଚକର ଥିଲା। ଏଭଳି ବ୍ୟକ୍ତିଗତଭାବେ ସେ ମୋଟ ୧୬ଟି ଷ୍ଟଣ୍ଟ କରିଛନ୍ତି। ଏଥିପାଇଁ ନିଆଁ ଲାଗିଥିବା ସମୟରେ ସବୁଠୁ ଅଧିକ ପାରାଚୁଟ ଲମ୍ଫ ଦେଇ ଗିନିଜ୍ ରେକର୍ଡ କରିଛନ୍ତି। ଏହା ବ୍ୟତୀତ ସେ ଫିଲ୍ମରେ ଅଭିନୟ କରିବା ସମୟରେ ସବୁଠୁ ଅଧିକ ସମୟ ପର୍ଯ୍ୟନ୍ତ ନିଶ୍ୱାସ ମଧ୍ୟ ବନ୍ଦ କରି ରଖିପାରନ୍ତି। ଏଭଳି ଏକ ବିରଳ ଦକ୍ଷତା ପାଇଁ ମଧ୍ୟ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି।

# ତୁମ ତୁଳୀରୁ

୧




୨



୩



୪



୫



୬



୭




୧



**ଆସ୍ଥା ବୈଶାଖୀ**
କ୍ଲାସ୍-୧୦, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର

୨



**ଅକ୍ଳେଶ ମହାନ୍ତି**
କ୍ଲାସ୍-୭, ଡିଏଭି ପବ୍ଲିକ ସ୍କୁଲ, ବ୍ରହ୍ମପୁର

୩



**ଆଦିତ୍ୟ ପଟ୍ଟନାୟକ**
କ୍ଲାସ-୪, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୪



**ଚେତନା ପାଢ଼ୀ**
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର

୫



**ଜାହ୍ନବୀ ପଟ୍ଟନାୟକ**
କ୍ଲାସ୍-୧, ଲୟୋଲା ସ୍କୁଲ, ଭୁବନେଶ୍ୱର

୬



**ସାଇ ସୁଲଗ୍ନା ପଟ୍ଟନାୟକ**
କ୍ଲାସ୍-୮, ଭାରତୀୟ ବିଦ୍ୟା ନିକେତନ, ନିମାପଡ଼ା

୭



**ସ୍ୱସ୍ତିକା ମହାପାତ୍ର**
କ୍ଲାସ୍-୪, ସେଣ୍ଟ ଜାଭିୟର ହାଇସ୍କୁଲ, ଖାନନଗର, କଟକ



# ଜୀବଜନ୍ତୁଙ୍କ ଅଜବ ଘର

**ପିଲାମାନେ, ଏପରି କିଛି ଜୀବଜନ୍ତୁ ଅଛନ୍ତି ଯେଉଁମାନଙ୍କ ବାସସ୍ଥଳୀ ଦେଖିଲେ ତୁମେ ଆଶ୍ଚର୍ଯ୍ୟ ହୋଇଯିବା ଆଉ ମନକୁ ପ୍ରଶ୍ନ ଆସିବ ଯେ, ଏତେ ସୁନ୍ଦର ଆଉ ବିସ୍ମୟ ଘର କରିବାର କଳା ସେମାନେ ଶିଖିଲେ କେଉଁଠୁ ! ଜାଣନ୍ତୁ ଏମିତି କିଛି ଜୀବଙ୍କ ଘର ବିଷୟରେ...**

## କୋରାଲ ପଲିପ୍ସ

କୋରାଲ ପଲିପ୍ସ ଜୀବଙ୍କୁ 'ସମୁଦ୍ରର ଅଦୃଶ୍ୟ କଳାକାର' ବୋଲି କୁହାଯାଏ। ଏମାନେ ଦେଖିବାକୁ ଏକ ଚାଉଳ ଦାନା ପରି। ପ୍ରତ୍ୟେକ କୋରାଲ ପଲିପ୍ସ ଶରୀର ଚାରିପାଖରେ କ୍ୟାଲ୍‌ସିୟମ୍ କାର୍ବୋନେଟ(ଚୂନ ପଥର) ନାମକ ଏକ କଠୋର ଆବରଣ ରହିଥାଏ। ଯେତେବେଳେ ଏହି ବିଚିତ୍ର ଜୀବ ମରିଯାଆନ୍ତି ସେତେବେଳେ ଏହି ଆବରଣ କଙ୍କାଳ ଆକାରରେ ରହିଯାଏ। ନବଜାତ ପଲିପ୍ସ ଏହି କଙ୍କାଳ ଉପରେ ନିଜ ବାସସ୍ଥାନ ତିଆରି କରନ୍ତି। ଦୀର୍ଘ ବର୍ଷ ଧରି ଏହି ପ୍ରକ୍ରିୟା ଚାଲିଥାଏ। ଫଳରେ ଏଥିରୁ ଏକ ବିଶାଳ କୋରା ଲ ରିଫ୍‌ର ସୃଷ୍ଟି ହୋଇଥାଏ।



## ରୁଫସ୍ ହର୍ଣ୍ଣେରୋ

ରୁଫସ୍ ହର୍ଣ୍ଣେରୋ ଦକ୍ଷିଣ ଆମେରିକାରେ ଦେଖାଯାଆନ୍ତି। ଏହି ଜୀବମାନଙ୍କୁ ମାଟିରେ ଘର ପ୍ରସ୍ତୁତ କରିବା କାଇଦା ମାଲୁମ। ଗୋବର,କାଦୁଅ ଶୁଖିଲା ଘାସକୁ ଏକତ୍ର କରି ଏମାନେ ଏକ ଗୋଲାକାର ଘର ତିଆରି କରିଥାନ୍ତି। ଯାହାର ଆକାର ପୁରାତନ ଯୁଗରେ ମାଟିର ଓଭନ୍ ଭଳି ଦେଖାଯାଇଥାଏ। ଯେତେବେଳେ ଏହି ମାଟି ଖରାରେ ଶୁଖି ଟାଣ ହୋଇଯାଏ ସେତେବେଳେ ଏହା କଂକ୍ରିଟ୍ ଭଳି ମଜଭୁତ୍ ହୋଇଥାଏ। ଅଧିକ ବର୍ଷା ଏବଂ ପବନ ଏମାନଙ୍କ ଘରକୁ ଭାଙ୍ଗି ପାରି ନ ଥାଏ। ଶିକାରୀଙ୍କ ଠାରୁ ରକ୍ଷା କରିବା ଲାଗି ସେମାନେ ଏହି ଘରେ ଲୁଚିଯାଆନ୍ତି। ରୁଫସ୍ ହର୍ଣ୍ଣେରୋ ପକ୍ଷୀମାନେ ସାଧାରଣତଃ ବିଜୁଳି ଖୁଣ୍ଟ, ଉଚ୍ଚ ଗଛ ଏବଂ କୋଠାଘରର କୋଣରେ ଏପରି ଘର ତିଆରି କରିବାକୁ ପସନ୍ଦ କରିଥାନ୍ତି।



## ବୋୱର ବାର୍ଡ

ଅଷ୍ଟ୍ରେଲିଆ ଏବଂ ନ୍ୟୁ ଗିନିରେ ଦେଖିବାକୁ ମିଳୁଥିବା ଏହି ବୋୱର ବାର୍ଡ ଏକ ଭିନ୍ନ ଉପାୟରେ ନିଜ ଘର ତିଆରି କରିଥାଆନ୍ତି। ଏହି ପକ୍ଷୀଟି ନିଜ ଘରର ଇଣ୍ଟେରିୟର ଡିଜାଇନ୍ ବି କରିଥାଏ। ଖାସ୍ କଥା ହେଲା ମାଈ ବୋୱର ବାର୍ଡକୁ ଆକର୍ଷିତ କରିବା ଲାଗ ଏହି ଘରଟି ଅଣ୍ଡିରା ବୋୱର ବାର୍ଡ ତିଆରି କରିଥାଏ। ବିଶେଷଭାବେର ଅଣ୍ଡିରା ବୋୱର ବାର୍ଡ ଘରକୁ ଭଲ ଭାବରେ ସଜାଇଥାଏ। ନୀଳ ରଙ୍ଗ ଏହି ପକ୍ଷୀକୁ ବହୁତ ପସନ୍ଦ। ନିଜ ଘର ସାମ୍ନାରେ ନୀଳ ରଙ୍ଗର ଫୁଲ ଏବଂ ଲୋକମାନେ ପିଙ୍ଗିଥିବା ନୀଳ ରଙ୍ଗର ବୋତଲ ଠିପିକୁ ସେ ସଜାଇ ରଖିଥାଏ। କିଛି ବୋୱର ବାର୍ଡ ଫଳ ରସ ଏବଂ ଅଙ୍ଗାରକୁ ଚୋବାଇ ସେ ନିଜର ଘରର କାନ୍ଥକୁ ରଙ୍ଗ କରିଥାନ୍ତି।

## ପ୍ରେୟରୀ ଡଗ

ଗୁଣ୍ଡୁଚିମୂଷା ସଦୃଶ ପ୍ରେୟରୀ ଡଗ୍ ଉତ୍ତର ଆମେରିକାରେ ଦେଖାଯାଆନ୍ତି। ଏହି ଜୀବ ବିଶେଷଭାବରେ ମାଟି ଖୋଳିଥାଏ। ଉକ୍ତ ପ୍ରାଣୀ କୁକୁର ଭଳି ଭୁକିବା କାରଣରୁ ଏମାନଙ୍କର ନାମ ଏପରି ରଖାଯାଇଛି। ଏମାନେ ମାଟିତଳେ ଜଟିଳ ସୁଡଙ୍ଗ ତିଆରି କରିଥାନ୍ତି। ପ୍ରେୟରୀ ଡଗ ଶାକାହାରୀ ହେବା ସହିତ ଏକତ୍ରିତ ହୋଇ ରହିବାକୁ ପସନ୍ଦ କରିଥାନ୍ତି। ବିପଦ ଆସିବା ପୂର୍ବରୁ ବୟସ୍କ ପ୍ରେୟରୀ ଡଗ୍ ନିଜ ପରିବାର ସଦସ୍ୟମାନଙ୍କୁ ସତର୍କ କରାଇ ଦେଇଥାଏ।



## ଡାଇଭିଙ୍ଗ ବେଲ ସ୍ପାଇଡର



ଡାଇଭିଙ୍ଗ ବେଲ୍ ସ୍ପାଇଡର ବିଶ୍ୱର ଏକ ମାତ୍ର ବୁଢ଼ିଆଣୀ ଯିଏକି ନିଜର ପୂରା ଜୀବନ ପାଣି ଭିତରେ ବିତାଇଥାଏ। ୟୁରୋପ ଏବଂ ଉତ୍ତର ଏସିଆରେ ଏମାନେ ଦେଖାଯାଆନ୍ତି। ନଦୀ ଏବଂ ପୋଖରୀରେ ଏହି ଜୀବ ନିଜ ଲାଗି ସୁନ୍ଦର ଘର ତିଆରି କରିଥାଏ। କେବଳ ସେତିକି ନୁହେଁ, ସେମାନେ ତିଆରି କରିଥିବା ଘର ବେଶ୍ ସୁନ୍ଦର ହୋଇଥାଏ। ପାଣି ଭିତରେ ଏମାନେ ରେଶମ ଜାଲ ମଧ୍ୟ ବୁଣିଥାଆନ୍ତି।